## କୁକୁଡା ପାଳନ ପଦ୍ଧତି

(୧) ଚିଆଁ କିଣିବା ପୂର୍ବରୁ ଘରକୁ ଭଲ ଭାବେ ବିଶୋଧନ କରାଯିବ ।

(୨) ଚିଆଁ ଆଣିବାର ୨୪ ଘଣ୍ଟା ପୂର୍ବରୁ ଚିଆଁ ଘର ମଝିରେ ଶୁଖିଲା ଏବଂ ବିଶୋଧିତ ଲିଟର (ଚଷୁ)କୁ ୨ ଇଞ୍ଚ ବହଳର ଖେଳାଯିବା ଉଚିତ୍ ।



(୩) ଦିନିକିଆ ଚିଆଁମାନଙ୍କୁ ୪ ସପ୍ତାହ ପର୍ଯ୍ୟନ୍ତ ଉପଯୁକ୍ତ ମାତ୍ରାରେ ଖାଦ୍ୟ, ପାନୀୟ ଓ ତାପମାତ୍ରା ଆବଶ୍ୟକ ହୋଇଥାଏ । ତେଣୁକରି ଏହି ସମୟରେ ବିଶେଷ ଧ୍ୟାନ ଦେବାକୁ ପଡିଥାଏ ।

(୪) କୁକୁଡାମାନଙ୍କ ଜରୁରୀ ଟୀକା ଯଥା - ରାଣୀକ୍ଷେତ ଏବଂ ଗୁମ୍ବୋରୋ ଆଜି ଦେବା ଜରୁରୀ ।



## କଡ଼କ୍‌ନାଥ କୁକୁଡ଼ା ଏବଂ ଅନ୍ୟ କିସମ କୁକୁଡ଼ାର ତୁଳନାତ୍ମକ ବିବରଣୀ

| ଅନ୍ୟ କିସମ କୁକୁଡ଼ା | କଡ଼କ୍‌ନାଥ କୁକୁଡ଼ା |
| --- | --- |
| (୧)ମାଂସରେ ପୁଷ୍ଟିସାର ପରିମାଣ ୧୮-୨୦% । | (୧)ମାଂସରେ ପୁଷ୍ଟିସାର ପରିମାଣ ୨୫% । |
| (୨) ମାଂସରେ କୋଲେଷ୍ଟେରଲ୍ ପରିମାଣ ୧୩-୨୫% । | (୨) ମାଂସରେ କୋଲେଷ୍ଟେରଲ୍ ପରିମାଣ ୦.୭୩-୧.୦୫% । |
| (୩)ମାଂସର ଔଷଧୀୟ ଗୁଣ ନାହିଁ । | (୩)ମାଂସ ଏବଂ ଅଣ୍ଡା ଔଷଧୀୟ ଗୁଣଯୁକ୍ତ । |
| (୪)ବଜାରରେ ମାଂସର ମୂଲ୍ୟ ଟ୧୨୦/-୨୫୦ଙ୍କା (ପର ସହ ଓଜନ) ଏବଂ ଅଣ୍ଡାର ମୂଲ୍ୟ ଟ.୫.୦୦ଙ୍କା । | (୪) ମାଂସର ମୂଲ୍ୟ ଅନୂନ୍ୟ ଟ୫୦୦-୭୫୦ଙ୍କା । ଏବଂ ଅଣ୍ଡାର ମୂଲ୍ୟ ଟ୫୦.୦୦ଙ୍କା । |



ଅଧିକ ବିବରଣୀ ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ ସହିତ ଯୋଗାଯୋଗ କରନ୍ତୁ ।

# କଡ଼କ୍‌ନାଥ କୁକୁଡା ଏବଂ ଏହାର ଉପକାରିତା



ତଥ୍ୟ
ଡା. ମୋନାଲିସା ବେହେରା
ବୈଜ୍ଞାନିକ (ପ୍ରାଣୀ ବିଜ୍ଞାନ)

ମୁଖ୍ୟ ସଂପାଦିକା
ଡଃ. ବିନୀତା ଶତପଥୀ
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

## କୃଷି ବିଜ୍ଞାନ କେନ୍ଦ୍ର
## ଅନୁଗୁଳ

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱର

ଆମେମାନେ ଜାଣିଛେ ଯେ ବାଡ଼ି ଅଗଣାରେ କୁକୁଡ଼ା ପାଳନ ଅତ୍ୟନ୍ତ ଲାଭଜନକ ବ୍ୟବସାୟ । ତେଣୁ କରି ଘର ଅଗଣାରେ ପାଳନ କରିବା ପାଇଁ ବିଭିନ୍ନ ଉନ୍ନତ କିସମର କୁକୁଡ଼ାମାନ ବହୁ ପ୍ରଚଳିତ ଉଦାହରଣ ସ୍ୱରୂପ: ବନରାଜା, ଗିରିରାଜା, ଆର୍. ଆଇ. ଆର୍., ବ୍ଲାକ୍ ରକ୍ ଇତ୍ୟାଦି । ମାତ୍ର ବର୍ତମାନ ଏକ ନୂତନ କିସମର କୁକୁଡ଼ାର ଚାହିଦା ବଜାରରେ ଦେଖିବାକୁ ମିଳୁଛି । ଯାହା ନିଜର ନିଆରା କଳା ଶରୀର, କଳା ପର, ଏବଂ କଳା ମାଂସ ପାଇଁ ଲୋକପ୍ରିୟତା ହାସଲ କରିପାରିଛି । ଏହି ନିଆରା କୁକୁଡ଼ା ପ୍ରଜାତିଟି ହେଉଛି କଡ଼କ୍‌ନାଥ କୁକୁଡ଼ା । ସାଧାରଣତଃ ତିନୋଟି ପ୍ରଜାତିର କଳାମାଂସି କୁକୁଡ଼ା ବିଶ୍ୱରେ ଦେଖିବାକୁ ମିଳିଥାନ୍ତି ।



୧. **କଡ଼କ୍‌ନାଥ** : ଯାହାକି ଭାରତର ମଧ୍ୟପ୍ରଦେଶ ରାଜ୍ୟର ଏକ ସ୍ଥାନୀୟ ପ୍ରଜାତି ।

୨. **ସିଲ୍‌କି** : ଏହା ଚାଇନା ଦେଶର ଏକ ପ୍ରଜାତି ।

୩. **ଆୟମ୍ ସେମାନୀ** : ଏହା ଇଣ୍ଡୋନେସିଆର ଏକ ପ୍ରଜାତି ।

କଡ଼କ୍‌ନାଥ ପ୍ରଜାତିଟି ଭାରତର ଏକାମାତ୍ର କଳାମାଂସି କୁକୁଡ଼ା ଯାହାକି ମଧ୍ୟପ୍ରଦେଶର ଝାବୁଆ ଏବଂ ଧର୍ ଜିଲ୍ଲାର ଜନଜାତୀୟ ଗୋଷ୍ଠୀ ମଧ୍ୟରେ ବହୁ ପ୍ରଚଳିତ । ବର୍ତ୍ତମାନ ଏହି ପ୍ରଜାତିର ଲୋକପ୍ରିୟତା ବହୁମାତ୍ରାରେ ବୃଦ୍ଧି ପାଇଛି ଯାହା ଫଳରେ ଏହାକୁ ବ୍ୟବସାୟିକ ଭାବେ ପାଳନ କରିବା ନିମନ୍ତେ ଚାଷୀମାନେ ଆଗ୍ରହ ପ୍ରକାଶ କରୁଛନ୍ତି ।

### ଏହି କୁକୁଡ଼ା ପ୍ରଜାତିର ଗୁଣ:



- ଦିନିକିଆ ଚିଆଁର ରଙ୍ଗ ନୀଳରୁ କଳା ଥାଏ ।
- ବୟସ୍କ କୁକୁଡ଼ାର ରଙ୍ଗ ସିଲ୍‌ଭର ଏବଂ ନେଳିଆ-କଳା ରଙ୍ଗ ହୋଇଥାଏ ।
- ଏମାନଙ୍କର ଚର୍ମ, ଥଣ୍ଟ, ଗୋଡ ଆଦି କଳା ରଙ୍ଗର ହୋଇଥାଏ ଏବଂ ଚୁଳି,ଫୁଲି ଓ ଜିଭର ରଙ୍ଗ ବାଇଗଣି ଥାଏ ।
- ଆଭ୍ୟନ୍ତରୀଣ ଅଙ୍ଗର ରଙ୍ଗ ଅଧିକାଂଶ କ୍ଷେତ୍ରରେ କଳା ଥାଏ ।
- ବୟସ୍କ ଗଞ୍ଜାର ଓଜନ - ୨.୫ କି.ଗ୍ରା., ମାଈ କୁକୁଡ଼ା ଓଜନ - ୧.୬-୨.୫ କି.ଗ୍ରା. ।
- ଦିନିକିଆ ଚିଆଁର ଓଜନ - ୨୮-୩୦ ଗ୍ରାମ୍ ।
- ଅଣ୍ଡା ଦେବା କ୍ଷମତା - ୧୩୦-୧୪୦/ବାର୍ଷିକ ।
- ଅଣ୍ଡା ଦେବା ବୟସ - ୨୩ ସପ୍ତାହ ।
- ଅଣ୍ଡା ପ୍ରତି ଓଜନ - ୪୦-୪୫ ଗ୍ରାମ୍ ।
- ଅଣ୍ଡାର ରଙ୍ଗ - ଇସତ୍ ମାଟିଆ ।
- ଡ୍ରେସିଂ % - ୬୫% ।
- ଚିଆଁ ବଂଚିବା ସମ୍ଭାବନା - ୯୫% ।



### କଡ଼କ୍‌ନାଥ କୁକୁଡ଼ା ପାଳନର ଉପକାରିତା

**(୧)** ଏହା ଯେ କୌଣସି ପରିବେଶରେ ବଢ଼ିପାରେ । ଏହାର ରୋଗ ପ୍ରତିରୋଧକ କ୍ଷମତା ଖୁବ୍ ବେଶୀ । ତେଣୁକରି ମୃତ୍ୟୁହାର ମଧ୍ୟ ତୁଳନାତ୍ମକ ଭାବେ କମ୍ ।

**(୨)** ଏମାନେ ରହିବା ନିମନ୍ତେ ଖୁବ୍ କମ୍ ଜାଗା ଆବଶ୍ୟକ କରିଥାନ୍ତି ମାଂସଳ ପ୍ରଜାତିର କୁକୁଡ଼ାଙ୍କ ପରି ଉନ୍ନତ ଧରଣର ଖାଦ୍ୟ ଦରକାର କରନ୍ତି ନାହିଁ ଏବଂ ଖୁବ୍ ଶୀଘ୍ର ବଢିଥାନ୍ତି ।



**(୩) ମାଂସ ଏବଂ ଅଣ୍ଡାର ଔଷଧୀୟ ଗୁଣ**

- ମାଂସରେ ୧୮ଟି ଆମିନୋଏସିଡ୍ ତଥା ଜୀବସାର - B1, B2, B6, B12 C, କ୍ୟାଲ୍‌ସିୟମ, ଫସ୍‌ଫରସ୍ ଆଇରନ୍ ଆଦି ବହୁପରିମାଣରେ ଅଛି ।
- ଏହାର ମାଂସ ସ୍ନାୟୁଜନିତ ରୋଗ ଏବଂ ହୋମିଓପାଥି ଔଷଧ ତିଆରି କରିବାରେ ଦରକାର ହୋଇଥାଏ । ମହିଳାମାନଙ୍କ କ୍ଷେତ୍ରରେ ବିଭିନ୍ନ ରୋଗ ନିବାରଣ ନିମନ୍ତେ ଖୁବ୍ ଉପଯୋଗୀ, ଯଥା: ମହିଳା ବନ୍ଧ୍ୟାଜନିତ ସମସ୍ୟା, ଗର୍ଭପାତ ଜନିତ ସମସ୍ୟା ।
- ଶିଶୁମାନଙ୍କ କ୍ଷେତ୍ରରେ ଅଷ୍ଟିଓମାଲେସିଆ ରୋଗର ନିରାକରଣରେ ମଧ୍ୟ ଉପଯୋଗୀ ଏହି ମାଂସ ।
- କଡ଼କ୍‌ନାଥ କୁକୁଡ଼ା ଅଣ୍ଡାକୁ ମଧ୍ୟ ବିଭିନ୍ନ ପ୍ରକାର ରୋଗର ଉପଶମ ପାଇଁ ବ୍ୟବହାର କରାଯାଇଥାଏ । ଯଥା :ମୁଣ୍ଡବ୍ୟଥା, ଶ୍ୱାସଜନିତ ରୋଗ ଏବଂ ବୃକ୍‌କ ସମ୍ବନ୍ଧୀୟ ରୋଗ ଇତ୍ୟାଦି ।
- ହୃଦ୍‌ରୋଗୀଙ୍କ କ୍ଷେତ୍ରରେ ଏହାର ମାଂସର ଆବଶ୍ୟକତା ରହିଛି । ଯାହାକି ହୃତପିଣ୍ଡକୁ ରକ୍ତ ଚଳାଚଳ ଅଧିକ ପରିମାଣରେ କରିଥାଏ ।

### କୁକୁଡ଼ା ଚିଆଁ ମିଳୁଥିବା ସ୍ଥାନ :

(୧) କେନ୍ଦ୍ରୀୟ କୁକ୍କୁଟ ଉନ୍ନୟନ ସଂସ୍ଥା (CPDO) ଭୁବନେଶ୍ୱର (ଜୟଦେବ ବିହାର), (୨) କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ ।



